To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.9, ଭଦ୍ରକ, ବୁଧବାର, ୪, ଜୁଲାଇ ୨୦୧୮ ■ Bhadrak, Wednesday, 4 July 2018 Rs. 2.00 Pages-8

### ମୁମ୍ବାଇରେ ବ୍ରିଜ୍ ଭୁଶୁଡ଼ି ୬ ଆହତ, ୨ ଗୁରୁତର



# ଅସଲି 'ବସ୍' କିଏ ?

## ଆଜି ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ଶୁଣାଣି



ନୂଆଦିଲ୍ଲୀ, ୩।୭ : କେନ୍ଦ୍ରଶାସିତ ପ୍ରଦେଶ ଦିଲ୍ଲୀର ପ୍ରକୃତ 'ବସ୍' କିଏ। ପ୍ରଦେଶରେ ଜନତାଙ୍କ ଦ୍ୱାରା ନିର୍ବାଚିତ ସରକାର ନା କେନ୍ଦ୍ର ଏହାକୁ ନେଇ ଦୀର୍ଘଦିନ ହେବ ଆମ୍ ଆଦ୍‌ମୀ ପାର୍ଟି ଓ କେନ୍ଦ୍ର ଭିତରେ ଟଣାଓଟରା ଚାଲିଛି। ତେବେ ଆସନ୍ତାକାଲି ଏହି ମାମଲାର ଶୁଣାଣି ହେବ। ଏହାକୁ ନେଇ କେବଳ ଦିଲ୍ଲୀ ନୁହେଁ ବରଂ ସମଗ୍ର ଦେଶ ଖୁବ୍ ଉତ୍ସୁକତାର ସହ ଅନାଇ ରହିଛି। ଆସନ୍ତାକାଲିର ହେବାକୁ ଥିବା ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟକୁ ଉଭୟ କେଜରିୱାଲ ଓ କେନ୍ଦ୍ର ସରକାର ବି ଅପେକ୍ଷା କରି ରହିଛନ୍ତି। ସୁପ୍ରିମ୍‌କୋର୍ଟର ସାମ୍ବିଧାନିକ ପୀଠ ଏହି ମାମଲାର ଶୁଣାଣି ସକାଳ ସାଢ଼େ ୧୦ଟାରୁ ଆରମ୍ଭ ହେବ। ୫ଜଣିଆ ବିଚାରପତିଙ୍କ ଦ୍ୱାରା ଗଠିତ ଖଣ୍ଡପୀଠରେ ଚିଫ୍ ଜଷ୍ଟିସ୍ ଦୀପକ ମିଶ୍ରଙ୍କ ସହ ଜଷ୍ଟିସ୍ ଏକେ ଚୌଧୁରୀ, ଜଷ୍ଟିସ୍ ଏଏମ୍ ଖାନ୍‌ୱିଲକର, ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୁଡ଼ ଏବଂ ଜଷ୍ଟିସ୍ ଅଶୋକ ଭୂଷଣ ସାମିଲ ଅଛନ୍ତି। ଦିଲ୍ଲୀରେ କାହାର ହୁକୁମତ ଚାଲିବ ଏହାକୁ ନେଇ ମୋଟ ୧୧ଟି ଯାଚିକା ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇସାରିଛି। ଗତବର୍ଷ ଫେବୃୟାରୀରେ କ୍ଷମତାକେନ୍ଦ୍ରକୁ ନେଇ ଦିଲ୍ଲୀ ସରକାର ବନାମ ଉପରାଜ୍ୟପାଳଙ୍କ ଭିତରେ ବିବାଦ ସୁପ୍ରିମ୍‌କୋର୍ଟର ସାମ୍ବିଧାନିକ ପୀଠକୁ ପଠାଇ ଦିଆଯାଇଥିଲା। ଗତବର୍ଷ ଶୁଣାଣି ସମୟରେ ଦିଲ୍ଲୀ ସରକାରଙ୍କ ସପକ୍ଷରେ ସୁପ୍ରିମ୍‌କୋର୍ଟ ପକ୍ଷ ରଖିଥିଲା। ସେତେବେଳେ ଜଷ୍ଟିସ୍ ଚନ୍ଦ୍ରଚୁଡ଼ ଶୁଣାଣି ସମୟରେ କହିଥିଲେ କି ଜନତାଙ୍କ ଦ୍ୱାରା ନିର୍ବାଚିତ ସରକାରଙ୍କ ନିଷ୍ପତ୍ତିକୁ ଉଭୟ ଉପରାଜ୍ୟପାଳ ଓ ଟେକ୍ନିକାଲ୍ ଗ୍ରାଉଣ୍ଡ ଅମାନ୍ୟ କରିବା ଠିକ୍ ନୁହେଁ। ଏଥିସହ ଦିଲ୍ଲୀ ସରକାର ମଧ୍ୟ ନିଜ ସୀମା ଭିତରେ ରହି କାର୍ଯ୍ୟ କରିବା ଉଚିତ୍ ବୋଲି ଜଷ୍ଟିସ୍ ଚନ୍ଦ୍ରଚୁଡ଼ କହିଥିଲେ।

## ବିଧାନ ପରିଷଦ ଗଠନ ପ୍ରସଙ୍ଗ

# ଆଜି ବିହାର ଯିବ କମିଟି

ଭୁବନେଶ୍ୱର, ୩।୭ (ସକାଳ ଖବର): ଓଡ଼ିଶାରେ ବିଧାନ ପରିଷଦ ଗଠନ ସମ୍ପର୍କରେ ଅନ୍ୟ ରାଜ୍ୟର ବ୍ୟବସ୍ଥା ଅନୁଧ୍ୟାନ ପାଇଁ ମନ୍ତ୍ରୀ ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଆସନ୍ତାକାଲି ବିହାର ଗସ୍ତରେ ଯିବ। ମନ୍ତ୍ରୀ ଶ୍ରୀ ସାହୁଙ୍କ ସହିତ ବିଧାୟକ ମନୋହର ରାନ୍ଧାରୀ, ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସମେତ ସଂସଦୀୟ ବ୍ୟାପାର ବିଭାଗ ସଚିବ ଏବଂ ବିଧାନସଭା ସଚିବ ବିହାର ଗସ୍ତରେ ଯିବେ। ପୂର୍ବରୁ କମିଟି କର୍ଣ୍ଣାଟକ ଓ ମହାରାଷ୍ଟ୍ର ଗସ୍ତ କରି ସେଠାରେ ବିଧାନ ପରିଷଦ ଗଠନ ସଂକ୍ରାନ୍ତ ତଥ୍ୟ ସରକାରଙ୍କୁ ପ୍ରଦାନ କରିଛି। କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ପ୍ରଥମେ ବିଧାନ ପରିଷଦ ଏବଂ ପରେ ବିଧାନସଭା ଆରମ୍ଭ ହୋଇଥିବା ବେଳେ ବିହାର ଏବଂ ଆନ୍ଧ୍ରପ୍ରଦେଶରେ ପ୍ରଥମେ ବିଧାନସଭା ଏବଂ ପରେ ବିଧାନ ପରିଷଦ ଗଠନ କରାଯାଇଥିଲାୟ ଏହି ଦୁଇ ରାଜ୍ୟ ଗସ୍ତ କରି କମିଟି ରିପୋର୍ଟ ପ୍ରଦାନ କରିବା ପରେ ସରକାର ବିଧାନ ପରିଷଦ ଗଠନ ନେଇ ନିଷ୍ପତି ନେବେ। ଉକ୍ତ କମିଟିରେ କଂଗେସ ସଦସ୍ୟ ଭୁଜବଳ ମାଝି ଓ ବିଜେପି ସଦସ୍ୟ ନୀତିଶ ଗଙ୍ଗଦେବ ରହିଥିଲେ ହେଁ ସେମାନେ ବିହାର ଯିବେ ନାହିଁ ବୋଲି ସୂଚନା ମିଳିଛି। ଫଳରେ ବିଧାନ ପରିଷଦ ଗଠନ ଖୁବ୍ ଶୀଘ୍ର ହୋଇପାରେ ବୋଲି ଏବେଠାରୁ ଚର୍ଚ୍ଚା ଜୋର୍ ଧରିଛି।

## ଠିକାଦାରଙ୍କୁ ଗଳାକାଟି ହତ୍ୟା

ମାଲକାନଗିରି, ୩।୭ (ସକାଳ ଖବର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା ଦରନାପାଲ ଥାନା ଅଂଚଳରେ ମାଓବାଦୀମାନେ ଜଣେ ଠିକାଦାରଙ୍କୁ ଗଳାକାଟି ହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ସୋମବାର ରାତ୍ର ଗୋରଗୁଡ଼ା ଗ୍ରାମରେ ଠିକାଦାର କର୍ପୁର ଚନ୍ଦ୍ର ରାଜପୁତ ନିଜ କାମ ତଦାରଖ କରି ଫେରୁଥିବାବେଳେ ମାଓବାଦୀମାନେ ତାଙ୍କୁ ଜଙ୍ଗଲ ମଧ୍ୟକୁ ନେଇ ହତ୍ୟା କରିବା ପରେ ରାସ୍ତାକଡ଼ରେ ପକାଇଦେଇ ଚାଲିଯାଇଥିଲେ। ପ୍ରକାଶ ଥାଉକି ପୂର୍ବରୁ ଠିକାଦାର ମାଓବାଦୀଙ୍କ ଟାର୍ଗେଟରେ ଥିଲେ। ଏହି ଘଟଣା ପରେ ସୁକୁମା ଜିଲ୍ଲାରେ କାମ କରୁଥିବା ଠିକାଦାରଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

# ଗୁମ୍ଫାରେ କଟିଲା ୧୦ଦିନ

- ■ ଉଦ୍ଧାର ପାଇଁ ଅପରେସନ ଆରମ୍ଭ
- ■ ଉଚ୍ଚ ଜୁଆର ମାଡ଼ିଆସିବାରୁ ଭୟରେ ପଶିଯାଇଥିଲେ
- ■ ନାଇଟ୍‌ଭିଜନ କ୍ୟାମେରାରେ ସ୍ଥିତି ପରଖିଲେ ଅନୁଧାନକାରୀ



ଥାଇଲାଣ୍ଡ, ୩।୭ : ଶେଷରେ ଭଗବାନ ଶୁଣିଛନ୍ତି ପ୍ରାର୍ଥନା। କେବଳ ଥାଇଲାଣ୍ଡ ନୁହେଁ ବରଂ ସମଗ୍ର ବିଶ୍ୱରେ ୧୨ଜଣ ନାବାଳକ ନିଖୋଜକୁ ନେଇ ଖବର ପ୍ରସାରଣ ପରେ ସବୁଠି ଲୋକେ ପିଲାଙ୍କ ସୁରକ୍ଷିତ ଜୀବନ କାମନା କରି ପ୍ରାର୍ଥନା କରୁଥିଲେ। ଶେଷରେ ସେମାନଙ୍କ ପତ୍ତା ମିଳିଲା। ଗତ ୧୦ ଦିନ ଧରି ଗୁମ୍ଫାରେ ଫସି ରହିଛନ୍ତି ୧୨ ଜଣ ନାବାଳକ ଏବଂ ତାଙ୍କ ସହ ଫୁଟବଲ କୋଚ ମଧ୍ୟ ଗୁମ୍ଫାରେ ଫସି ରହିଥିଲେ। ଗତ ଜୁନ ୨୩ ତାରିଖରୁ ନିଖୋଜ ଥିଲେ ଉଭୟ କୋଚ ଓ ୧୨ ଜଣ ପିଲା। ଥାଇଲାଣ୍ଡର ପଟ୍ଟାୟା ବିଚ୍ ଅଞ୍ଚଳରେ ଘଟିଥିବା ଏଭଳି ଘଟଣା ଏବେ ସମଗ୍ର ବିଶ୍ୱକୁ ଚକିତ କରିଛି। କାରଣ ୧୦ ଦିନ ପରେ ନିଖୋଜ ୧୨ ଜଣ ପିଲାଙ୍କ ଖବର ଥାଇଲାଣ୍ଡ ପୋଲିସ ହାତରେ ଲାଗିଛି। ଏବେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଆରମ୍ଭ କରାଯାଇଥିବା ସୁଚନା ମିଳିଛି। ଗତ ୨୩ ତାରିଖ ଦିନ ୧୨ ଜଣ ପିଲା ତାଙ୍କ ଫୁଟବଲ କୋଚଙ୍କ ସହିତ ପଟ୍ଟାୟା ବିଚରେ ଖେଳୁଥିବା ସମୟରେ ହଠାତ୍ ସମୁଦ୍ରର ଉଚ୍ଚ ଜୁଆର ମାଡି ଆସବା ଫଳରେ ଜୀବନ ବଞ୍ଚାଇ ବିଚ୍ କୂଳରୁ ଦୌଡିଥିଲେ ସଭିଏଁ। ପିଲାଙ୍କ ସହିତ କୋଚ ମଧ୍ୟ ଜୀବନ ବିକଳରେ ଦୌଡି ପଳାଇଥିଲେ। କିଛି ବୁଝିବା ପୂର୍ବରୁ ନିକଟରେ ଥିବା ଗୁମ୍ଫା ଭିତରେ ପସି ଯାଇଥିଲେ ଉଭୟ କୋଚ ଓ ୧୨ ଜଣ ପିଲା। ଏହାପରେ ସେଠାରେ ଲଗାଣ ବର୍ଷା ହେବା ଫଳରେ ଗୁମ୍ଫାରେ ପାଣି ପଶିଯାଇଥିଲା ଏବଂ ଭିତରେ ଫସି ଯାଇଥିଲେ ପିଲାମାନେ। ଅନେକ ପ୍ରୟାସ କରିଥିଲେ ମଧ୍ୟ ଗୁମ୍ଫାରୁ ବାହାରି ପାରି ନଥିଲେ। ଯାହାକୁ (ପୃଷ୍ଠା-୭)

## ପ୍ରକାଶ ପାଇଲା ଯୁକ୍ତ ୩ ନାମଲେଖା ପାଇଁ କଟ୍ ଅଫ୍ ମାର୍କ

ଭୁବନେଶ୍ୱର, ୩।୭ (ସକାଳ ଖବର): ଯୁକ୍ତ ୩ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ତାଲିକା ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜରେ ନାମ ଲେଖାଇବା ପାଇଁ ମୋଟ ୧ଲକ୍ଷ ୮୮ହଜାର ୯୬୦ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। କଳାରେ ନାମଲେଖାଇବା ପାଇଁ ୧ଲକ୍ଷ ୧୪ହଜାର ୩୩୧ ଛାତ୍ରଛାତ୍ରୀ ମନୋନୀତ ହୋଇଥିବା ବେଳେ ବାଣିଜ୍ୟରେ ୧୯ହଜାର ୭୫୩ଜଣ ଛାତ୍ରଛାତ୍ରୀ , ଫିଜିକାଲ ସାଇନ୍ସରେ ୨୯,୧୩୧ଜଣ ଛାତ୍ରଛାତ୍ରୀ ଓ ବାୟୋଲୋଜିକାଲ ସାଇନ୍ସରେ ୨୦,୩୪୬ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ଜୁଲାଇ ୪ରୁ ୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ। ଜୁଲାଇ ୧୧ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବା ସହ ୧୨ ଓ ୧୩ ତାରିଖରେ ନାମଲେଖା ଅନୁଷ୍ଠିତ ହେବ। ଜୁଲାଇ ୧୬ଠାରୁ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢା ଆରମ୍ଭ ହେବ। ସୂଚନାଯୋଗ୍ୟ ଯେ, ୯୮୪ କଲେଜରେ ନାମଲେଖା ପାଇଁ ୨ ଲକ୍ଷ ୨୧ ହଜାର ୨୮୯ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ।

## ଶ୍ରୀତମ୍‌ଙ୍କୁ ୬ ଘଣ୍ଟା ଜେରା

ଭୁବନେଶ୍ୱର, ୩।୭ (ସକାଳ ଖବର): ଓଡିଆ ଚଳଚ୍ଚିତ୍ର 'ତୁ ଥା ମୁଁ ଯାଉଛି ରୁଷି' ରେ ଚିଟଫଣ୍ଡ ଟଙ୍କା ଲାଗିଥିବା ଜାଣିନଥିଲି। ରିଲିଜ୍ ପରେ ପ୍ରଯୋଜକ ଗିରଫ ହୋଇଗଲେ। ପରେ ଗିରଫ ହୋଇ ବେଲରେ ଆସିଲେ। ତା'ପରେ ଫେରାର ହୋଇଗଲେ। ଏବେ ଜଣାପଡ଼ିବା ପରେ ମୁଁ ଟଙ୍କା ଫେରାଇଦେବି। ଯଦି ମୋ ପାଖକୁ କୌଣସି ଟଙ୍କା ଆସିଥିବ, ମୁଁ ନିଶ୍ଚିତ ଫେରାଇବି। ଏପରିକି ମୋ' ପାରିଶ୍ରମିକ ବାବଦକୁ ଆସିଥିବା ଟଙ୍କା ମଧ୍ୟ ଫେରାଇଦେବି ବୋଲି କହିଛନ୍ତି ଚଳଚ୍ଚିତ୍ର ଅଭିନେତା ତଥା ନିର୍ଦ୍ଦେଶକ ଶ୍ରୀତମ ଦାସ। ମଙ୍ଗଳବାର ଦିନ ୬ ଘଂଟାର ମାରାଥନ୍ ଜେରା ପରେ ଇଡି କାର୍ଯ୍ୟାଳୟରୁ ବାହାରିବା ପରେ ଗଣମାଧ୍ୟମକୁ ସେ ଏହା କହିଛନ୍ତି। ସୂଚନାଯୋଗ୍ୟ ଯେ ମଙ୍ଗଳବାର ଓଲିଉଡ ଅଭିନେତା ଶ୍ରୀତମ୍ ଦାସ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଅଫିସରେ ହାଜର ହୋଇଥିଲେ। ସେଠାରେ ତାଙ୍କୁ ଦୀର୍ଘ ୬ ଘଂଟା ଜେରା କରାଯାଇଥିଲା। ତାଙ୍କ ଅଭିନୀତ ଓ ନିର୍ଦ୍ଦେଶିତ ଓଡିଆ ଚଳଚ୍ଚିତ୍ର 'ତୁ ଥା ମୁଁ ଯାଉଛି ରୁଷି'ରେ (ପୃଷ୍ଠା-୭)

## ରାମଚନ୍ଦ୍ର ହାଁସଦାଙ୍କୁ ଜାମିନ

ଭୁବନେଶ୍ୱର, ୩।୭ (ସକାଳ ଖବର): ଚିଟଫଣ୍ଡ ଠକେଇ ମାମଲାରେ ଗିରଫ ହୋଇ ଜେଲରେ ଥିବା ସାଂସଦ ରାମଚନ୍ଦ୍ର ହାଁସଦାଙ୍କୁ ଜାମିନ ମିଳିଛି। ମଙ୍ଗଳବାର ଦିନ ସୁପ୍ରିମ୍ କୋର୍ଟ ଶ୍ରୀ ହାଁସଦାଙ୍କ ଜାମିନ୍ କୁ ମଂଜୁର କରିଥିବା ତାଙ୍କ ଓକିଲ ଅଭିଜିତ ପଟ୍ଟନାୟକ ଓ ଅକ୍ଷୟ ମହାନ୍ତି (ପୃଷ୍ଠା-୭)



ଫିଫା ବିଶ୍ୱକପ୍‌ର ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ସ୍ୱିଜରଲାଣ୍ଡକୁ ୧-୦ ଗୋଲ୍‌ରେ ପରାସ୍ତ କରି ସ୍ୱିଡେନ୍ କ୍ୱାର୍ଟରକୁ ଉନ୍ନୀତ



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ। ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ।

## ଲାଗିଲା ଅଙ୍କୁଶ

# ରାଜ୍ୟ ଦେଇପାରିବନି ଡିଜିପିଙ୍କ ନିଯୁକ୍ତି

### ୟୁପିଏସ୍‌ସିକୁ ମିଳିଲା ଦାୟିତ୍ୱ

ନୂଆଦିଲ୍ଲୀ, ୩।୭ : ଏଣିକି କୌଣସି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ କାର୍ଯ୍ୟକାରୀ ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ନିଯୁକ୍ତି କରିପାରିବେ ନାହିଁ। ବରିଷ୍ଠ ପୋଲିସ ଅଧିକାରୀ ନିଯୁକ୍ତିରେ ରାଜ୍ୟ କରୁଥିବା ମନମୁଖୀ କାର୍ଯ୍ୟ ଉପରେ ରୋକ ଲଗାଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଏହି ନିଯୁକ୍ତି ପ୍ରକ୍ରିୟାକୁ ୟୁନିୟନ ପବ୍ଲିକ ସର୍ଭିସ୍ କମିଶନ ବା ୟୁପିଏସ୍‌ସିକୁ ହସ୍ତାନ୍ତର କରିଛନ୍ତି କୋର୍ଟ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ଜଷ୍ଟିସ୍ ଏ.ଏମ୍. ଖାନିଲକର ଏବଂ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୟୁପିଏସ୍‌ସି ଏଣିକି ସମସ୍ତ ରାଜ୍ୟରେ ପୂର୍ଣ୍ଣକାଳୀନ ଡିଜିପିଙ୍କୁ ନିଯୁକ୍ତ କରିବ। କାର୍ଯ୍ୟରତ ଥିବା ଡିଜିପି ଅବସର ନେବା ପୂର୍ବରୁ ନୂତନ ଡିଜିପିଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ବରିଷ୍ଠତା ଦୃଷ୍ଟିରୁ ରାଜ୍ୟରେ କାର୍ଯ୍ୟରତ ଥିବା ତିନି ଜଣ ପୋଲିସ ଅଧିକାରୀଙ୍କ ନାମ ରାଜ୍ୟ ୟୁପିଏସ୍‌ସିକୁ ପ୍ରଦାନ କରିବ। ରାଜ୍ୟର ସୁପାରିଶ କ୍ରମେ ୟୁପିଏସ୍‌ସି ଏ ତିନି ଜଣଙ୍କ ମଧ୍ୟରୁ ଜଣଙ୍କୁ ଚୟନ କରି ଆରକ୍ଷୀ ମହାନିର୍ଦ୍ଦେଶକ ପଦବୀରେ ନିଯୁକ୍ତ କରିବ। ଜଣେ ଯାଚିକାଙ୍କ ପକ୍ଷରୁ ଦାୟର କରାଯାଇଥିବା ମାମଲାର ଏକ ଲମ୍ବା ବ୍ୟବଧାନ ଧରି ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଶୁଣାଇଛନ୍ତି। ୨୦୦୬ରେ ସିଆର୍‌ପିଏଫ୍ ଅଧିକାରୀ ପ୍ରକାଶ ସିଂହ ଡିଜିପି ନିଯୁକ୍ତିକୁ ନେଇ ଦୁଇଟି ସଂସ୍କାର ଆଣିବାକୁ ଆବେଦନ କରିଥିଲେ। ଡିଜିପିଙ୍କୁ ନିଯୁକ୍ତି ଓ ଅବସରରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ୧୦ ବର୍ଷ ରଖିବା ଓ ସଠିକ୍ ଢଙ୍ଗରେ ଡିଜିପି ନିଯୁକ୍ତି ପ୍ରକ୍ରିୟା କରିବାକୁ ସେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।



ହୁଣ୍ଡିର ଆୟ (୨୯.୬.୧୮)
୧,୯୦,୯୯୦

## ଜଣକୁ କଚାଡ଼ି ମାରିଲା ହାତୀ

ରାଉରକେଲା, ୩।୭ (ସକାଳ ଖବର):ରାଉରକେଲା ନିକଟ ବିଶ୍ରାର ଜରେଇକେଲା ଅଂଚଳରେ ବଜାର ସାରି ନିଜ ଘରକୁ ଫେରଥିବା ବେଳେ ଜଣକୁ ହାତୀ କଚାଡି ମାରିଥିବା ଜଣାପଡିଛି। ଘଟଣା ଘଟିଛି ୨ତାରିଖ ରାତି ପ୍ରାୟ ୮ଟା ସମୟରେ। ଖବରରୁ ପ୍ରକାଶ ଯେ, ଗତକାଲି ଜରେଇକେଲାର ଗୁଡୁକାନୀ ଗ୍ରାମର ଉମେଶ ମୁଣ୍ଡା (୪୬) ନିକଟ କୋପସିଂଗା ବଜାରକୁ ଯାଇଥିଲେ। ସେ ବଜାର ସାରି ଗାଁକୁ ଫେରୁଥବା ବେଳେ ମହିପାଣି ନିକଟରେ ଥିବା ଏକ ପୋଖରୀ ପାଖରେ ୩ଟି ହାତୀଙ୍କ ହାବୁଡରେ ପଡି ଯାଇଥିଲେ। ହାତୀ ମାନେ ତାଙ୍କୁ କଚାଡି କଚାଡି ମାରିଥିବା ତାଙ୍କ ଶରୀରରେ ଥିବା କ୍ଷତ ଚିହ୍ନରୁ ଜଣାପଡିଛି। ଖବରପାଇ ଗାଁ ଲୋକେ ତାଙ୍କ ଶବକୁ ଉଦ୍ଧାର କରିବା ପରେ ପୋଲିସ ଓ ବନ ବିଭାଗ ଘଟଣାସ୍ଥଳରେ ପହଁଚି ତଦନ୍ତ କରି ମୃତକଙ୍କ ପରିବାର ପ୍ରତି କ୍ଷତିପୁରଣ ରାଶି ଘୋଷଣା କରିଛନ୍ତି। ହାତୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ଆଦିବାସୀ ସଂପ୍ରଦାୟ ଭିତରେ ଅସନ୍ତୋଷ ବଢିବାରେ ଲାଗିଛି।

# ଅନ୍ୟ ଜାତିରୁ ବାହାହେଲେ ଅଢ଼େଇଲକ୍ଷ ମିଳିବ

ଭୁବନେଶ୍ୱର, ୩।୭ (ସକାଳ ଖବର): ଭୁବନେଶ୍ୱର : ଆନ୍ତଃଜାତି ବିବାହ ବା ଇଣ୍ଟରକାଷ୍ଟ ମ୍ୟାରେଜ ପ୍ରୋତ୍ସାହନ ରାଶିକୁ ରାଜ୍ୟ ସରକାର ମଙ୍ଗଳବାର ବୃଦ୍ଧି କରିଛନ୍ତି। ସବର୍ଣ୍ଣ ହିନ୍ଦୁ ଓ ଅନୁସୂଚିତ ଜାତି ହିନ୍ଦୁଙ୍କ ମଧ୍ୟରେ ବିବାହକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏହି ରାଶିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ପ୍ରୋତ୍ସାହନ ରାଶି ୧ ଲକ୍ଷ ଥିବାବେଳେ ତାହାକୁ ବଢାଇ ୨ ଲକ୍ଷ ୫୦ ହଜାର ଟଙ୍କା କରାଯାଇଛି। ଏଥିପାଇଁ ଅର୍ଥ ରାଶି ଗ୍ରହୀତାଙ୍କ ନିମନ୍ତେ ଆୟର ସୀମା



ରଖାଯାଇ ନାହିଁ। ପୂର୍ବରୁ ଦରଖାସ୍ତ ସମ୍ବନ୍ଧୀୟ ରହିଥିବା ସମସ୍ତ ପ୍ରକ୍ରିୟା ବଳବତ୍ତର ରହିଛି। ଜାତୀୟ ବ୍ୟାଙ୍କରେ ଦମ୍ପତିଙ୍କ ଯୁଗ୍ମ ଆକାଉଣ୍ଟରେ ରହିଥିବା ଏହି ରାଶିରେ ପ୍ରଥମ ନାମ ମହିଳାଙ୍କର ରହିବ। ଦମ୍ପତି ଏହି ଅର୍ଥରାଶିକୁ ତିନିବର୍ଷ ପର୍ଯ୍ୟନ୍ତ ବ୍ୟାଙ୍କରୁ ଉଠାଣ କରପାରିବେ ନାହିଁ। ବର୍ତ୍ତମାନ ସୁଦ୍ଧା ୨୦୧୭-୧୮ ଆର୍ଥିକ ବର୍ଷରେ ଓଡ଼ିଶାରେ ୫୪୩ ହିତାଧିକାରୀ ଦମ୍ପତି ଏହି ପ୍ରୋତ୍ସାହନ ରାଶି ଦ୍ୱାରା ଉପକୃତ ହୋଇଛନ୍ତି। ଏ ବାବଦରେ ସମୁଦାୟ ୨ କୋଟି ୬୫ ଲକ୍ଷ ୩୬ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଗତ ୫ ବର୍ଷ ଭିତରେ ପ୍ରାୟ ୩ ହଜାର ୮୦୦ଟି ଦମ୍ପତି ଏହି ପ୍ରୋତ୍ସାହନ ରାଶି ଦ୍ୱାରା ଉପକୃତ ହୋଇଛନ୍ତି। ଜିଲ୍ଲାର ସବୁଠାରୁ ଅଧିକ ବାଲେଶ୍ୱର, ଦ୍ୱିତୀୟରେ କଟକ ଓ ତୃତୀୟରେ ଜଗତସିଂହପୁର ଏହି ପ୍ରୋତ୍ସାହନ ରାଶି ଦ୍ୱାରା ଉପକୃତ ହୋଇଛନ୍ତି। ଏହି ବର୍ଦ୍ଧିତ ଅର୍ଥରାଶି ପିଛିଲା ଭାବେ ୨୦୧୭ ମସିହା ସେପ୍ଟେମ୍ବର ୧୪ ତାରିଖରୁ ଲାଗୁ ହେବ ବୋଲି ଅନୁସୂଚିତ (ପୃଷ୍ଠା-୭)